**ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ**

**ଯୋଡ଼ା,(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତାଙ୍କ ମା' ଯୋଡ଼ା ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଯୋଡ଼ା ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ ହେଁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ପୋଲିସ ପ୍ରକାଶ କରିଛି।

## ସଂକ୍ଷେପରେ

### ଦ୍ୱିତୀୟ ଥର ଭାଜପା ଜିଲା ସଭାପତି ହେଲେ ହେମନ୍ତ

ଭଦ୍ରକ ଅଫିସ, ୧୫।୪: ଭାଜପାର ଭଦ୍ରକ ଜିଲା କମିଟି ଶୁକ୍ରବାର ଗଠନ ହୋଇଛି। ଜିଲା ସଭାପତି ପଦରେ ଥିବା ହେମନ୍ତ ପାଢ଼ୀ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଦ୍ୱିତୀୟ ଥର ପାଇଁ



ଜିଲା ସଭାପତି ଭାବେ ମନୋନୀତ ହୋଇଛନ୍ତି। ନୂତନ ଭାବେ ଗଠିତ କମିଟିରେ ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଦୁର୍ଗାଚରଣ ନାୟକ, କମଳାକାନ୍ତ ସୂତାର, ଅଶୋକ ପରିଜା, ଜଗବନ୍ଧୁ ଦାସ, ପଙ୍କଜିନୀ ଲେଙ୍କା, ଉଦୟ ନାରାୟଣ ମଲିକ ଓ ଚତୁର୍ଭୁଜ ନାୟକ ସ୍ଥାନ ପାଇଛନ୍ତି। ସାଧାରଣ ସମ୍ପାଦକ ଭାବେ ମନୋରଞ୍ଜନ ମଲିକ, ଶଶିକାନ୍ତ ବିଶ୍ୱାଳ ଓ ଭଗବାନ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସେହିପରି ସମ୍ପାଦକ ୮ଜଣ ଓ କୋଷାଧ୍ୟକ୍ଷ ଭାବେ ଜୟପ୍ରକାଶ ମଲ୍ଲିକ ମନୋନୀତ ହୋଇଛନ୍ତି।

### ହନୁମାନ ଜୟନ୍ତୀ

ବାରିକପୁର, ୧୫।୪ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ସରିଫପୁର ହନୁମାନ ମନ୍ଦିରଠାରେ ହନୁମାନ ଜୟନ୍ତୀ ପାଳନ କରାଯାଇଛି। ପୂଜା ପାଠ ସହ ବିଶ୍ୱ ଶାନ୍ତି ନିମନ୍ତେ ହନୁମାନ ଚାଳିଶା ପାଠ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ପୁରୋଧା ପର୍ଶୁରାମ ମଲ୍ଲିକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ। ଏହି ଅବସରରେ ଭଦ୍ରକ ମାରୁତି ସେନା ଆନୁକୂଲ୍ୟରେ ସର୍ବତ ଓ ପଣା ବଣ୍ଟନ କରାଯାଇଥିଲା। ଜିଲା ସଭାପତି ଜଗନ୍ନାଥ ନାୟକ, ଉପଦେଷ୍ଟା ସୁକାନ୍ତ ବାରିକ, ସଭ୍ୟ ବିଜୟ ମଲ୍ଲିକ, ଲୋକନାଥ ରାଉତ, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

### କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ରାଇରଙ୍ଗପୁର,୧୫।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ କୁଡୁମୀ ଭବନ ପରିସରରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି.ଆର.ଆମ୍ବେଦକରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାର ନବ ନିଯୁକ୍ତ ଏସ୍‌ସି ସେଲ ସଭାପତି ଭାଗିରଥୀ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ମୁଖ୍ୟ ବକ୍ତାଭାବେ ପୂର୍ବତନ କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦା, ବରିଷ୍ଠ କଂଗ୍ରେସ ନେତା ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରମେଶ ହାଁସଦା, ଯୁବ କଂଗ୍ରେସ ନେତା ଭଜହରି ମହାନ୍ତଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ପଦ୍ମପୁର, ୧୫।୪(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଲିମେଦ ପଞ୍ଚାୟତ ପାଇକସାହି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନ୍ଦୋଳା ପଞ୍ଚାୟତ ଜୋରାଗଡ଼ିଆ ଗ୍ରାମର ତନୁଜ ବାରିକ। ସେ ସ୍ଥାନୀୟ ଅଞ୍ଚଳର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବରପାଇ ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ମାମଲା (ନଂ. ୭୩/୨୩) ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଦେବେନ୍ଦ୍ର କୁମାର ମୁର୍ମୁ ଘଟଣାର ତଦନ୍ତ କରୁଛନ୍ତି।

### କାରାଗାର ଅନ୍ତେବାସୀଙ୍କୁ ହନୁମାନ ଚାଳିଶା ବଣ୍ଟନ

କୋଡ଼ପଡ଼ା,୧୫।୪(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ ପରିଷଦ ପକ୍ଷରୁ ଶୁକ୍ରବାର ପବିତ୍ର ମହାବିଷୁବ (ପଣା ସଂକ୍ରାନ୍ତି) ତଥା ହନୁମାନ ଜୟନ୍ତୀ ଅବସରରେ ଉପଖଣ୍ଡ କାରାଗାରର ଅନ୍ତେବାସୀଙ୍କୁ ହନୁମାନ ଚାଳିଶା ପୁସ୍ତକ ବଣ୍ଟନ କରାଯାଇଛି। ପରିଷଦର ସଭାପତି ନିରାକାର ଦଳେଇ, ସମ୍ପାଦକ ହରେକୃଷ୍ଣ ପାତ୍ରଙ୍କ ସଂଯୋଜନାରେ ସହ-ସମ୍ପାଦକ ରତିକାନ୍ତ ସାହୁ, କୋଷାଧ୍ୟକ୍ଷ ଗଣେଶ୍ୱର ମହାନ୍ତି, ସଦସ୍ୟ କିରଣ ପାଢ଼ି, ସୋମନାଥ ମିଶ୍ର, ପଦ୍ମନାଭ ସାହୁ, ଶ୍ରୀନିବାସ ମିଶ୍ର ପ୍ରମୁଖ କାରାଗାର ସୁପରିଟେଣ୍ଡେଣ୍ଟ ସ୍ମିତାରାଣୀ ଖଟୁଆଙ୍କୁ ଅନ୍ତେବାସୀମାନଙ୍କ ପାଇଁ ହନୁମାନ ଚାଳିଶା ପୁସ୍ତକ ପ୍ରଦାନ କରିଥିଲେ।

# ଶିଶୁଶ୍ରମିକ ନିୟୋଜିତ କରୁଛି ଠିକା ସଂସ୍ଥା

**ସୁବର୍ଣ୍ଣରେଖା କେନାଲ କାର୍ଯ୍ୟ**

ମୋରଡ଼ା,୧୫।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା-ରାସଗୋବିନ୍ଦପୁର ବ୍ଲକରେ ଚାଲିଥିବା ସୁବର୍ଣ୍ଣରେଖା କେନାଲ ନିର୍ମାଣରେ ଶିଶୁ ଶ୍ରମିକ କାମ କରୁଛନ୍ତି। କାର୍ଯ୍ୟ ନେଇଥିବା ଠିକା ସଂସ୍ଥା ସରକାରୀ ନିୟମ ଉଲ୍ଲଘଂନ କରି ନାବାଳକଙ୍କୁ ଡମ୍ପର ଡ୍ରାଇଭର ଓ ହେଲପର ଭାବେ ନିୟୋଜିତ କରିଥିବା ଓ ସେମାନଙ୍କୁ ନେଇ ଖରାରରେ କାମ କରାଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ମୋରଡ଼ା-ରାସଗୋବିନ୍ଦପୁର ବ୍ଲକରେ ସୁବର୍ଣ୍ଣରେଖା କେନାଲ ନିର୍ମାଣ ଜାରି ରହିଛି। ଦୁଇଟି ବ୍ଲକ୍‌ର ସୀମାନ୍ତ ତଥା ମୋରଡ଼ା ବ୍ଲକ୍‌ର ମାକୁନ୍ଦଠାରେ ଏକ ଘରୋଇ ଠିକା ସଂସ୍ଥା ଦ୍ୱାରା କାମ ଚାଲିଛି। ଉକ୍ତ ସଂସ୍ଥା ନାବାଳକଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ କରାଇଛି। କେନାଲ ନିର୍ମାଣରେ ବ୍ୟବହୃତ ହେଉଥିବା ଡମ୍ପରକୁ ଜଣେ ନାବାଳକ ଚଳାଉଥିବା ବେଳେ ଅନ୍ୟ ୧୦ରୁ ୧୧ ବର୍ଷର ବାଳକ ହେଲପର ଭାବେ କାର୍ଯ୍ୟ କରୁଥିବାରୟ ଦେଖିବାକୁ ମିଳିଛି। ସେହିପରି ପ୍ରବଳ ତାତିକୁ ଆଖି ଆଗରେ ରଖି ସରକାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ପର୍ଯ୍ୟନ୍ତ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି



ଡମ୍ପର ଚଳାଉଥିବା ନାବାଳକ ଓ ଦୁଇ ସହଯୋଗୀ।

କରିଛନ୍ତି। ଉକ୍ତ ସଂସ୍ଥା ଶ୍ରମିକମାନଙ୍କୁ ଦିନ ୧୧ଟା ପରେ ପ୍ରବଳ ଖରାରେ କାର୍ଯ୍ୟ କରାଉଥିବା ଦେଖିବାକୁ ମିଳିଛି। ଏନେଇ ଉକ୍ତ କାର୍ଯ୍ୟର ସୁପରଭାଇଜର ମହେନ୍ଦ୍ର ଗୋପଙ୍କୁ ପଚାରିବାରୁ ସେ ଅଭିଯୋଗକୁ ସ୍ୱୀକାର କରିଥିଲେ। ଆଗକୁ ଏପରି ହେବ ନାହିଁ ବୋଲି କହିଥିଲେ। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଦାସ କହିଛନ୍ତି, ଠିକା ସଂସ୍ଥାକୁ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯଦି ଉଲ୍ଲଘଂନ ହେଉଛି, ଏ ବାବଦରେ ସଂସ୍ଥାଙ୍କୁ ତାଗିଦ୍ କରାଯିବ ବୋଲି କହିଥିଲେ।

# 'ଉପାନ୍ତ ଅଞ୍ଚଳରେ ଭାଷା, ସଂସ୍କୃତିର ସୁରକ୍ଷା ଲୋଡ଼ା'



ଓଡ଼ିଆ ନବବର୍ଷ ପାଳନ ଅବସରରେ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଓଡ଼ିଆ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ**

ଜଳେଶ୍ୱର, ୧୫।୪(ଡି.ଏନ.ଏ.)

ବିଦେଶୀ ସଂସ୍କୃତିକୁ ନ ଆପଣାଇ ନିଜର ସଂସ୍କୃତିକୁ ସମ୍ମାନ ଦେବା ସହିତ ଏହାର ପ୍ରଚାର କରିବାକୁ ପ୍ରତ୍ୟେକ ଓଡିଆ କାର୍ଯ୍ୟ କରିବା ଉଚିତ୍ ବୋଲି ଜଳେଶ୍ୱରସ୍ଥିତ ଭଞ୍ଜ ମଣ୍ଡପରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବିଶ୍ୱାସ ସଙ୍ଗଠନ ପକ୍ଷରୁ ଆୟୋଜିତ ଓଡିଆ ନବବର୍ଷ ପାଳନ ସଭାରେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନ ସମ୍ପାଦକ ସଂଗ୍ରାମ କେଶରୀ ପରିଡା ଯୋଗ ଦେଇ ଉପାନ୍ତ ଅଞ୍ଚଳରେ ଓଡିଆ ଭାଷା, ସଂସ୍କୃତିକୁ ଉଜ୍ଜୀବିତ କରି ଏହାର ପ୍ରଚାର କରିବାକୁ ବିଭିନ୍ନ ସାମାଜିକ ସଙ୍ଗଠନ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ପ୍ରଫୁଲ୍ଲ ଦେ, ରମାକାନ୍ତ ଭଞ୍ଜ, ସାମାଜିକ କର୍ମୀ କମଳ ଚକ୍ରବର୍ତ୍ତୀ, ଅରୁଣ ବେଜ, ଶିକ୍ଷକ ଯୋଗେଶ ରାଉଳ, ଅଧ୍ୟାପିକା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛ ସାଥି ଜ୍ୟୋସ୍ନାରାଣୀ ଜେନା, ନନ୍ଦିତା ଦାସ, ବାସନ୍ତୀ ମହାନ୍ତି, ପାର୍ବତୀ ଶର୍ମା, ସରସ୍ୱତୀ ସିଟ, ସସ୍ମିତା ପ୍ରଧାନ, ମିଆଁମୁଥୁନ ବିବିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ମହୋତ୍ସବ ନିଜ ଅଞ୍ଚଳର ସଂସ୍କୃତି, ପରମ୍ପରାକୁ ସୁଦୃଢ଼ କରେ'



ଅତିଥିମାନଙ୍କ ସହ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା।

**ସାରୁଗାଁ ମହୋତ୍ସବ ଉଦ୍‌ଘାଟିତ**

ଖଇରା,୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁରେ ୨ଶହ ବର୍ଷରୁ ଅଧିକ ସମୟ ଧରି ପାଳିତ ହୋଇ ଆସୁଥିବା ସାରୁଗାଁ ଉଡାପର୍ବ ଚଳିତବର୍ଷ ନୂଆରୂପରେ ଆରମ୍ଭ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ମା' ସିଦ୍ଧ ବାସୁଳୀପୀଠରେ ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ଦ୍ୱାରା ୧ହଜାର ୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଆମ ସାରୁଗାଁ ମହୋତ୍ସବକୁ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ପାଣିଗ୍ରାହୀ ମହୋତ୍ସବର ଦୀର୍ଘଜୀବନ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ହରେକୃଷ୍ଣ ଦାଶ ଯୋଗଦେଇ ମହୋତ୍ସବ ନିଜ ଅଞ୍ଚଳର ସଂସ୍କୃତି ପରମ୍ପରାକୁ ସୁଦୃଢ଼ କରିଥାଏ ବୋଲି ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଶ୍ରୀକାନ୍ତ ଗାହାଣ, ପୂର୍ବତନ ଶିକ୍ଷକନେତା ଜିତେନ୍ଦ୍ର ବେହେରା, ଅନ୍ୟତମ ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ନାୟକ, ବିଶିଷ୍ଟ ଅଭିନେତା ବିଷ୍ଣୁମୋହନ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମହେନ୍ଦ୍ର ସାମଲ, ଯୁଧିଷ୍ଠୀର ମହାପାତ୍ର, ବାଉଲି ପରିଡା, ନିଶାକର ମହାପାତ୍ର, ଭଗବାନ ନାୟକ ଓ କେଶବ ଦାଶ ତଥା ଖବରଦାତା ଉତ୍କଳବନ୍ଧୁ ପଣ୍ଡା, ତପୋଧନ ବାରିକ ଏବଂ ଶେଷରେ କମିଟିର ସମସ୍ତ ସଦସ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଜୟନ୍ତ କୁମାର ଦାଶ, ଯୁବ ସଙ୍ଗଠକ ଗୌତମ ରାଉତ, ହେମନ୍ତ ଲେଙ୍କା ଓ ଉମାକାନ୍ତ ପଣ୍ଡା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ରାଜେଶ ଶତପଥୀ ଓ ସତ୍ୟଜିତ ପ୍ରଧାନଙ୍କ କଣ୍ଠର ଯାଦୁ ଦର୍ଶକଙ୍କୁ ବିମୋହିତ କରିଥିଲା।

# ବରିପଦା ସମବାୟ ସମିତିରୁ ୨ ମହିଳାଙ୍କୁ ବୀମାରାଶି

ବାହାନଗା,୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ବରିପଦା ସେବା ସମବାୟ ସମିତିରୁ ୨ ଜଣ ମହିଳାଙ୍କୁ ବୀମାରାଶି ପ୍ରଦାନ କରାଯାଇଛି। ସମିତିରୁ କରଞ୍ଜାବିନ୍ଧା ଗ୍ରାମର ପୁରୁଷୋତ୍ତମ ରାଉତ ଚାଷ ନିମନ୍ତେ ୨୦୧୮ରେ ୨୩ ହଜାର ଟଙ୍କା ଋଣ ନେଇଥିଲେ। ଋଣ ନେବାର କିଛି ଦିନ ପରେ ସେ ମୃତ୍ୟୁବରଣ କରିଥିଲେ। ତେବେ ମୃତ୍ୟୁବରଣ କରିବାର ୩ବର୍ଷ ପରେ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ରାଉତଙ୍କୁ ସମବାୟ ସମିତି ପକ୍ଷରୁ ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ସେହିପରି ରୂପଖଣ୍ଡ ଗ୍ରାମର ପ୍ରସନ୍ନ କୁମାର ତ୍ରିପାଠୀ ଚାଷ ନିମନ୍ତେ ସମିତିରୁ ୨୦୨୧ରେ ୫୦ହଜାର ଟଙ୍କା ଋଣ ନେଇଥିଲେ। ତେବେ ୨୦୨୨ରେ ତାଙ୍କର ମୃତ୍ୟୁ ହେବା ପରେ ସମିତି ପକ୍ଷରୁ ବୀମା ବାବଦରେ ତାଙ୍କ ସ୍ତ୍ରୀ ରଶ୍ମୀରେଖା ତ୍ରିପାଠୀଙ୍କୁ ସମିତି ପକ୍ଷରୁ ୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବୀମା ବାବଦରେ ସମିତି ସଭାପତି ଲାବଣ୍ୟଲତା ଦାଶ ଓ ସମ୍ପାଦକ ସନ୍ଦୀପ କୁମାର ପାଢୀ, ଶାଖା ପରିଚାଳକ ନାରାୟଣ ମହାପାତ୍ର ବୀମାଧାରୀ ନୋମିନଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ।

# ଭାଜପା ପକ୍ଷରୁ ସାମାଜିକ ନ୍ୟାୟ ସପ୍ତାହ



ଛାତ୍ରୀଛାତ୍ରଙ୍କୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଔପଦା, ୧୫।୪

ବାଲେଶ୍ୱର ଜିଲା ଔପଦା ଭାଜପା ମଣ୍ଡଳ ପକ୍ଷରୁ ବିଭିନ୍ନ ପଞ୍ଚାୟତର ବୁଥସ୍ତରରେ ସାମାଜିକ ନ୍ୟାୟ ସପ୍ତାହ ପାଳନ କରାଯାଇଛି। ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ସାମାଜିକ ନ୍ୟାୟ ସପ୍ତାହ ତଳକିଆ ଓ ଗଡ଼ସାହି ପଞ୍ଚାୟତର ଦଳିତ ଛାତ୍ରୀଛାତ୍ରମାନଙ୍କୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚାର ଔପଦା ମଣ୍ଡଳ ସଭାପତି ପ୍ରମୋଦ କୁମାର ବେହେରା, ଔପଦା ବ୍ଲକ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ସାଧାରଣ ସମ୍ପାଦକ ହରିହର ମହଲା, ଯୁବନେତା ନିରାକାର ସ୍ୱାଇଁ, ରାଜେନ୍ଦ୍ର ଜେନା, ବିନୟ ପଟ୍ଟନାୟକ, ଉଦୟ କୁମାର ଦାଶ, ବରିଷ୍ଠ ନେତା ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଡ. ଆମ୍ବେଦକରଙ୍କ ଦଳିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇଛି।

# ୪୦ ବର୍ଷ ପରେ ସତ୍ୟନାରାୟଣ ପେଣ୍ଡାଲରେ ପାଲା ପରିବେଷଣ

ଢେଙ୍କିକୋଟ,୧୫।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ସତ୍ୟନାରାୟଣ ପାଲା ପେଣ୍ଡାଲରେ ୪୦ ବର୍ଷ ପରେ ପାଲା ପରିବେଷଣ ହୋଇଛି। ମଣ୍ଡଳ ସାହ ମା' ତାରିଣୀ କ୍ଲବ୍ ସଦସ୍ୟ ବିଜୟ ମଣ୍ଡଳ, ସୁଶାନ୍ତ ମଣ୍ଡଳ, ଦେବାନନ୍ଦ ମଣ୍ଡଳ, ବିନୋଦ ମଣ୍ଡଳ, ରବିନ୍ଦ୍ର ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ପ୍ରମୁଖଙ୍କ ଉଦ୍ୟମରେ ମହାବିଷୁବ ସଂକ୍ରାନ୍ତି ତଥା ମହାବୀର ଜୟନ୍ତୀ ଅବସରରେ ପାଲା ଆୟୋଜନ କରାଯାଇଥିଲା। ଚମ୍ପୁଆ ସବ୍ ଡିଭିଜନ ଟିଆଁସପଶିର ଗାୟିକା ସୁଶୀଳା ସିଂହ ସହଯୋଗୀଙ୍କ ସହ ପାଲା ପରିବେଷଣ କରିଥିଲେ। କ୍ଲବ୍ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ପ୍ରକାଶଯୋଗ୍ୟ, ସତ୍ୟନାରାୟଣ ପାଲା ପେଣ୍ଡାଲରେ ୧୯୮୦ରେ ବ୍ୟବସାୟୀ ଦୟାନିଧି ସାହୁ, ଅମ୍ବିକା ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ବାଦିପାଲା ଆୟୋଜିତ ହେଉଥିଲା। ପୁରୀ, କଟକ, ବାଲେଶ୍ୱର, ବ୍ରହ୍ମପୁର ଆଦି ଜିଲାର ପାଲା ଗାୟକ ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରୁଥିଲେ। ତତ୍କାଳୀନ ସରପଞ୍ଚ ନବଘନ ମାନସିଂହ ଏନେଇ ସ୍ୱତନ୍ତ୍ର ପେଣ୍ଡାଲ ମଧ୍ୟ ନିର୍ମାଣ କରିଥିଲେ। ତତ୍କାଳୀନ ପାରିଜାତ କ୍ଲବ୍ ପାଲା କଳାକୁ କିଛି ବର୍ଷ ଚଳାଇ ଆସିଥିଲେ। ମାତ୍ର କୌଣସି କାରଣରୁ ଦୀର୍ଘ ୪୦ ବର୍ଷ ହେବ ଏଠାରେ ପାଲ ପରିବେଷଣ ବନ୍ଦ ରହିଥିଲା। ପ୍ରତିବର୍ଷ ପାଲା ହେବ ବୋଲି ମା' ତାରିଣୀ କ୍ଲବ୍ ତରଫରୁ କୁହାଯାଇଛି।



ଗାୟକ ସୁଶୀଳା ସିଂହ ପାଲା ପରିବେଷଣ କରୁଛନ୍ତି।

# ରାସ୍ତା ବୁଲି ଦେଖିଲେ ଏମ୍‌ଏମ୍‌ଏସ୍‌ୱାଇ ଉପଦେଷ୍ଟା

ବନ୍ତ,୧୫।୪(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଦେଷ୍ଟା ସବିତା ମହାପାତ୍ର ଭଦ୍ରକ ଜିଲା ବନ୍ତ ବ୍ଲକ ଗସ୍ତରେ ଆସି ଏହି ଯୋଜନାରେ ନିର୍ମିତ ୨ ରାସ୍ତା ବୁଲି ଦେଖିଥିଲେ। ଗଣିଜାଙ୍ଗ-ଅଣ୍ଡିଆ ରାସ୍ତାର ନରସିଂହପୁର ଛକଠାରୁ ବନ୍ତ-ବାରିକପୁର ଆର୍‌ଡି ରାସ୍ତାର ପଛତୀରା ଛକ ଭାୟା ରଘୁନାଥପୁର ଏବଂ ତରାଗୋ ଆର୍‌ଡି ରାସ୍ତାଠାରୁ ପଙ୍ଗୀରା ଭାୟା ସୁନାଗଡିଆ ବେଲମଳା ଓ ଗଭିଗଡିଆ ଶାସନ ରାସ୍ତା ପରିଦର୍ଶନ କରିଥିଲେ। ସେ ରାସ୍ତା କାର୍ଯ୍ୟର ମାନ ଯାଞ୍ଚ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଲୋକ ପ୍ରତିନିଧି ଓ ଲୋକଙ୍କ ସହ ଆଲୋଚନା କରି ଏହି ଯୋଜନା ସମ୍ପର୍କରେ ବୁଝାଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଭଦ୍ରକ(୧)ର ନିର୍ବାହୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ସାହୁ, ବନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁପର୍ଣ୍ଣା ସୋରେନ ଓ ସହକାରୀ ଯନ୍ତ୍ରୀ ସୁରଥ ବେହେରା ଉପସ୍ଥିତ ଥିଲେ।



ଉପଦେଷ୍ଟା ସବିତା ମହାପାତ୍ର ରାସ୍ତା କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଭଜନ ସନ୍ଧ୍ୟାରେ ଦର୍ଶକ ବିଭୋର

**ଗ୍ରାମଶ୍ରୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ**

କେନ୍ଦୁଝର,୧୫।୪(ଡି.ଏନ୍.ଏ.)

କେନ୍ଦୁଝର ସହର ସାମନ୍ତରାୟପୁର ଶାସନରେ ବିରାଜିତା ଗ୍ରାମଶ୍ରୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମଶ୍ରୀ ଠାକୁରାଣୀ ସାଂସ୍କୃତିକ ସଂସ୍ଥା ଓ ସାମନ୍ତରାୟପୁର ଅଭ୍ୟର୍ଥନା କମିଟି ତରଫରୁ ଆୟୋଜିତ ଭଜନ ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପଙ୍କଜ ଜାଲ, ମାନସୀ ପାଣିଗ୍ରାହୀ, ବିଶ୍ୱଜିତ୍ ଆଚାର୍ଯ୍ୟ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ମନୋଜ ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। କମିଟିର ସଭାପତି ଦୀପକ ମିଶ୍ର, ଜିଲା ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଉପଦେଷ୍ଟା ଗୁରୁଚରଣ ନାଏକ, ଅୟସକାନ୍ତ ପଟ୍ଟନାୟକ, ଶଶୀକାନ୍ତ ଦାସ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଜିଲା ସାମ୍ବାଦିକ ସଂଘର ସଭାପତି ସତ୍ୟନାରାୟଣ ମିଶ୍ର, ସରକାରୀ ଓକିଲ ଜ୍ଞାନେନ୍ଦ୍ର ଜେନା, ଭରତ ଚନ୍ଦ୍ର ପାତ୍ର, ଜୟକୃଷ୍ଣ ପଣ୍ଡା, ନରେଶ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ଦେବାଶିଷ ମିଶ୍ର, ମଗନ ମଲ୍ଲିକ, ସତ୍ୟଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ ନାଏକ, ନିତ୍ୟାନନ୍ଦ ଦାଶ, ଅଜୟ ମିଶ୍ର, ରବିନ୍ଦ୍ର ନାଏକ, ଭୁବନ ନାଏକ ଓ ଅବିନାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଭଜନ ସନ୍ଧ୍ୟାରେ କଳାକାରମାନେ।

# ଠାକୁରମୁଣ୍ଡାରେ ଉଡ଼ା ପର୍ବ

**୫୭ ଭକ୍ତା ପିଠିରେ କଣ୍ଟା ଫୋଡ଼ାଇ ଝୁଲିଲେ**

ଠାକୁରମୁଣ୍ଡା,୧୫।୪(ଡି.ଏନ.ଏ.)

ପଣା ସଂକ୍ରାନ୍ତି ଅବସରରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବସୁଳିଙ୍କ ପୀଠ ସମ୍ମୁଖ ପଡ଼ିଆରେ ଉଡା ପର୍ବ ପାଳିତ ହୋଇଯାଇଛି। ୫୭ ଜଣ ଭକ୍ତା ପିଠିରେ କଣ୍ଟା ଫୋଡ଼ାଇ ଉଡ଼ାଖୁଣ୍ଟରେ ଲାଗିଥିବା ଦଣ୍ଡାରେ ଝୁଲି ଉଡ଼ିଥିଲେ। ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ।

ସଂକ୍ରାନ୍ତି ପୂର୍ବ ଦିନ ରାତିରେ ମା' ବାସୁଳି ମନ୍ଦିର ପରିସରରେ ଶହଶହ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ସେହି ରାତିରେ ଭକ୍ତାମାନଙ୍କ ପିଠିରେ ଫୋଡ଼ା ଯିବାକୁ ଥିବା କଣ୍ଟା ପେଡ଼ିକୁ ପୂଜାର୍ଚ୍ଚନା ପରେ ଦେହୁରୀ ଘରୁ ବାହାର କରାଯାଇ ମନ୍ଦିରକୁ ଅଣା ଯାଇଥିଲା। ପଣାସଂକ୍ରାନ୍ତି ଦିନ ଜଙ୍ଗଲରୁ ଉଡ଼ା ଖୁଣ୍ଟ ଓ ଦଣ୍ଡା ଅଣାଯାଇ ମନ୍ଦିର ସମ୍ମୁଖରେ ଖୁଣ୍ଟ ଓ ଦଣ୍ଡାକୁ ପ୍ରସ୍ତୁତ କରି ଦଣ୍ଡା ଲାଗିଥିବା ଖୁଣ୍ଟକୁ ପୋତା ଯାଇଥିଲା। ଖୁଣ୍ଟ ପୋତା ଯିବା ପରେ ସମସ୍ତ ଭକ୍ତା କଣ୍ଟା ଫୋଡ଼ା ଶାଳକୁ ଯାଇଥିଲେ। ସେଠାରେ ଦେହୁରୀ ପୂଜାର୍ଚ୍ଚନା କରିବା ପରେ କଣ୍ଟା ଫୋଡ଼ା ଦେହୁରୀ ଜଣେ ପରେ ଜଣେ ଭକ୍ତାଙ୍କ ପିଠିର ଦୁଇ ପାର୍ଶ୍ୱରେ ଦଉଡ଼ି ସଂଯୋଗ ହୋଇଥିବା ଦୁଇଟି ଅଙ୍କୁଶା କୃତି କଣ୍ଟାକୁ ଫୋଡ଼ାଇ ଥିଲେ। ସମସ୍ତ ଭକ୍ତାଙ୍କ ପିଠିରେ କଣ୍ଟା ଫୋଡ଼ା ସରିବା ପରେ ଭକ୍ତାମାନେ ନାଚି ନାଚି ଆସି ମନ୍ଦିର ସମ୍ମୁଖରେ ପୋତା ଯାଇଥିବା ଉଡ଼ା ଖୁଣ୍ଟ ନିକଟରେ ପହଞ୍ଚିଥିଲେ। ରାତି ପ୍ରାୟ ୩ଟା ସମୟରେ ଉଡ଼ା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତ ଓ ଦର୍ଶକ ଭିଡ଼ ଜମାଇଥିଲେ। ପ୍ରଥା ଅନୁଯାୟୀ ପଣା ସଂକ୍ରାନ୍ତି ପର ଦିନ ସକାଳେ ମନ୍ଦିର ସମ୍ମୁଖରେ ବଳି ପୂଜା ହୋଇଥିଲା। ମନ୍ଦିରରେ ବଳି ପ୍ରଥା ବନ୍ଦ ଥିବା ଯୋଗୁ ମାନସିକଧାରୀ ଆଣିଥିବା ବୋଦା ଓ କୁକୁଡ଼ାକୁ ଜୀବନ୍ତ ପୂଜା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଚଳିତ ବର୍ଷ ଉଡ଼ା ପର୍ବ ଉପଲକ୍ଷେ ଅପେରା, ସିନେମା, ମିନାବଜାର ପ୍ରାୟ ୧୨ ଦିନ ଧରି ଚାଲିବ ବୋଲି ସଳଚନା ମିଳିଛି।



ଉଡ଼ା ପର୍ବରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

## ଛାତ୍ରୀଙ୍କ ଆତ୍ମହତ୍ୟା

ମୋରଡ଼ା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ପଚାଖାଳି ଗ୍ରାମର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଚିତ୍ରଡା ମହାବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ପଢ଼ୁଥିବା ଛାତ୍ରୀ ଜଣକ ୩ମାସ ହେବ ସିଲେଇ ଟ୍ରେନିଂ ପାଇଁ ବାହାରକୁ ଯାଉଥିଲେ। ୧୫ ଦିନ ହେଲା ସେ ଘରକୁ ଫେରିବା ପରେ କୌଣସି କାରଣରୁ ମାନସିକ ଭାରସ୍ୟାମ ହରାଇ ବସିଥିଲେ। ଶୁକ୍ରବାର ମା, ବାପା କାମ କରିବାକୁ ଯାଇଥିଲା ବେଳେ ସେ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ବେତନଟୀ ଥାନାରେ ଏକ ମାମଲା(ନଂ.୧୮/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଚାକିରି ପ୍ରଲୋଭନ ଦେଖାଇ ଠକେଇ, ଯୁବତୀ ଗିରଫ

ମୋରଡ଼ା,୧୫।୪(ଡି.ଏନ.ଏ)- ଚାକିରି ପ୍ରଲୋଭନ ଦେଖାଇ ୭୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ମୋରଡ଼ା ଥାନା ପୋଲିସ ଜଣେ ଯୁବତୀଙ୍କୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱରସ୍ଥିତ ସତ୍ୟନଗର କାଳୀ ମନ୍ଦିର ପଛ ପଟ ପ୍ଲଟନଂ. ୬୧୯ରେ ରହୁଥିବା ରତ୍ନାକର ସେନାପତିଙ୍କ ଝିଅ ସ୍ମିତାରାଣୀ(ରେଣୁଲତା)। ପୋଲିସ ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ହଳଦୀପାଳ ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ମହାନ୍ତଙ୍କ ଝିଅ ସରୋଜିନୀଙ୍କୁ ସ୍ୱାସ୍ଥ୍ୟ ବିଭାଗରେ ସୁପରଭାଇଜର ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ସ୍ମିତାରାଣୀ ଗତ ୨୦୨୨ ଜୁଲାଇ ମାସରେ ଫୋନ ପେ ମାଧମରେ ୭୦ ହଜାର ଟଙ୍କା ନେଇଥିଲେ। ତେବେ ଟଙ୍କା ନେବାର ଦୀର୍ଘ ମାସ ପରେ ବି ଚାକିରି ନ ହେବା ଏବଂ ସ୍ମିତାରାଣୀ ଧରାଛୁଆଁ ନ ଦେବାରୁ ବାଧ ହୋଇ ସରୋଜିନୀ ତାଙ୍କ ବିରୋଧରେ ୨୦୨୨ ସେପ୍ଟେମ୍ବର ମାସରେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା(ନଂ.୨୪୯/୨୨) ରୁଜୁ ହୋଇଥିଲା। ତତ୍କାଳୀନ ଥାନା ଏସ୍ଆଇ ସସ୍ମିତା ସାମଲ ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲେ ମଧ ସ୍ମିତାରାଣୀଙ୍କୁ ଧରି ପାରି ନ ଥିଲେ। ଏନେଇ ସରୋଜିନୀ ଅତିରିକ୍ତ ଏସ୍ପି ଏବଂ ଏସ୍ପିଙ୍କୁ ଭେଟି ଗୁହାରୀ ଜଣାଇଥିଲେ। ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ମାମଲାର ତଦନ୍ତ ଭାର ଥାନା ଏସ୍ଆଇ ମିନତୀ ନାଏକଙ୍କୁ ଦେଇଥିଲେ। ଏସ୍ଆଇ ନାଏକ ଶୁକ୍ରବାର ସ୍ମିତାରାଣୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ତାଙ୍କଠାରୁ ୭୦ ହଜାର ଟଙ୍କା ଜବତ କରି ଅଭିଯୋଗକାରୀ ସରୋଜିନୀଙ୍କୁ ହସ୍ତାନ୍ତର କରିଛନ୍ତି। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଟଙ୍କା ହଡ଼ପ ଅଭିଯୋଗ

ଭଣ୍ଡାରିପୋଖରୀ, ୧୫।୪ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀଠାରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ପୂର୍ବତନ ପରିଚାଳକ ଟଙ୍କା ହଡ଼ପ କରିଥିବା ଥାନାରେ ଅଭିଯୋଗ ହୋଇଛି। ସଂସ୍ଥାର ପରିଚାଳକ ପ୍ରଭାତ କୁମାର ଚମ୍ପତିଙ୍କ ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଅଞ୍ଚଳର ଜଣେ ବ୍ୟକ୍ତି ପୂର୍ବରୁ ପରିଚାଳକ ଭାବେ କାର୍ଯ୍ୟରତ ଥିଲେ। ସେ ଏଠାରୁ ପଳାଇ ଯାଇଥିବା ବେଳେ ହିସାବ ଅନୁଯାୟୀ ୧ଲକ୍ଷ ୩୦ହଜାର ୫୩ ଟଙ୍କା ହଡ଼ପ କରିଥିବା ଜଣାପଡ଼ିଛି। ଏନେଇ ଭଣ୍ଡାରିପୋଖରୀ ଥାନାରେ ମାମଲା (ନଂ.୧୦୩/୨୩) ରୁଜୁ ହୋଇଛି।

### କଣ୍ଟାଫୋଡ଼ା ଘଣ୍ଟ ଯାତ୍ରା

ଧାମନଗର,୧୫।୪(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଲ୍ୟାଣୀ ପଞ୍ଚାୟତରେ ଐତିହାସିକ କଣ୍ଟାଫୋଡ଼ା ଘଣ୍ଟଯାତ୍ରା ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ପୁରୀ ଘଣ୍ଟପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖ ମତ୍ସ୍ୟ ଅବତାର ଜୟନ୍ତୀରୁ ଆରମ୍ଭ ହୋଇଥିଲା। ଭକ୍ତମାନେ ସାତ ଘଣ୍ଟରେ ଚାଉଳ, ଆମ୍ବ, ଗୁଆ, ଶଙ୍ଖା, ସିନ୍ଦୁର ଓ ଶାଢ଼ୀ ଦେଇ ମନସ୍କାମନା ପୂରଣ ପାଇଁ ରାତ୍ର ଉଜାଗର ରହିଥିଲେ। ମା' ଜାଗୁଲେଇଙ୍କ ପୀଠରେ ଲୁହା କଣ୍ଟାରେ ଭକ୍ତ ଜିଭ ତଳୁ ଫୁଟାଇ ଚରଖି ଦାଣ୍ଡ ପର୍ଯ୍ୟନ୍ତ ଚାଲି ଚାଲି ପୀଠକୁ ଫେରିବା ସହ ଖଣ୍ଡା ଖେଳ ଓ ବାଡ଼ି ଖେଳ ପାରମ୍ପରିକ ଢଙ୍ଗରେ ହୋଇଥିଲା। ସଂକ୍ରାନ୍ତି ଦିନ ଘଣ୍ଟପଡ଼ିଆରେ ମା' ମନ୍ତ୍ରବାସୁଲି ରୂପରେ ଆସି ରୂପା କଣ୍ଟାରେ ଜିଭ ଉପରୁ ଫୁଟାଯାଇ ଚଉଦଳରେ ତିନୋଟି ଧାରୁଆ ଖଣ୍ଡା ଉପରେ ଚଢ଼ି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ରାତିରେ ସେହି ଧାରୁଆ ଖଣ୍ଡା ଉପରେ ଛିଡ଼ା ହୋଇ କଲ୍ୟାଣୀ ଗ୍ରାମ ପରିକ୍ରମା କରିଥିଲେ।

# ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## ଜିଲା ମୁଖ୍ୟ ଚିକିତ୍ସାଳୟ
### ଚିକିତ୍ସାରେ ଅବହେଳା ଅଭିଯୋଗ

କେନ୍ଦୁଝର/ପାଟଣା,୧୫।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ସାହାରପଡ଼ା ବ୍ଲକ୍ ଉଦୟପୁର ଗ୍ରାମର ରାଜକିଶୋର ପାତ୍ରଙ୍କ ସ୍ତ୍ରୀ ରିଙ୍କି ପାତ୍ର ବୋଲି ଜଣାପଡ଼ିଛି। ରାଜକିଶୋରଙ୍କ ଅଭିଯୋଗ ଆଧାରରେ ପାଟଣା ଥାନାରେ (ନଂ.୮/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଦାନ କହିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟରାତ୍ରରେ ରିଙ୍କିଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ତାଙ୍କୁ ଉଦୟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୀର୍ଘ ସମୟ ରଖିବା ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମୁଖ୍ୟ ଡାକ୍ତରଖାନାରେ ତାଙ୍କୁ ୱାର୍ଡକୁ ନେବାରେ ବିଳମ୍ବ କରାଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଲା ବୋଲି ତାଙ୍କ ସ୍ୱାମୀ ରାଜକିଶୋର ପାତ୍ର ଅଭିଯୋଗ କରିଛନ୍ତି। ଉଦୟପୁର ଡାକ୍ତରଖାନାରେ ଚିକିତ୍ସାରେ ବିଳମ୍ବ କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରାଯାଇଥିଲା। ଏଣୁ ଝିଅର ମୃତ୍ୟୁ ହୋଇଥିବା ମୃତକଙ୍କ ମା' ଭଗବତୀ ପାତ୍ର କହିଛନ୍ତି। କିଛି ସମୟ ଧରି ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଟାଉନ୍ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପୃଷ୍ଟି କହିଛନ୍ତି, ସେ ଉଦୟପୁର ଡାକ୍ତରଙ୍କ ସହିତ କଥା ହୋଇଥିଲେ। ଶିଶୁର ପ୍ରସବ ହୋଇ ନ ପାରିବାରୁ ତାଙ୍କୁ କେନ୍ଦୁଝରକୁ ପଠାଇଦେଇଥିଲେ। ତେବେ ଏଠାରେ ପହଞ୍ଚିବା ପୂର୍ବରୁ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଚିକିତ୍ସାରେ କୌଣସି ଅବହେଳା ହୋଇନାହିଁ। ତେବେ ଘଟଣାର ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ ପ୍ରଶ୍ମ କୁମାର



@ଉତ୍ସବ



@ବବି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସରିଲା ସାଗର କବଚ ସମରାଭ୍ୟାସ



ସମରାଭ୍ୟାସରେ ସାମିଲ ପୋଲିସ ଅଧିକାରୀ ଓ ଫୋର୍ସ।

ରୂପସା, ୧୫।୪(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ସାମୁଦ୍ରିକ ଥାନା ଆନୁକୂଲ୍ୟରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ସାଗର କବଚ ସମରାଭ୍ୟାସ ଉଦ୍ଯାପିତ ହୋଇଯାଇଛି।

ଏସ୍ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରଶିକ୍ଷଣ ଶିବିରରେ ସାମୁଦ୍ରିକ ଥାନାଧିକାରୀ ସଚ୍ଚିଦାନନ୍ଦ ଗିରିଙ୍କ ସମେତ ୪ଜଣ ପୋଲିସ ଅଧିକାରୀ, ୩ ସେକ୍ସନ ଫୋର୍ସ ଓ ତଟରକ୍ଷୀ ବାହିନୀ ଯୋଗଦେଇ ସମୁଦ୍ର ଭିତରେ ସମରାଭ୍ୟାସ କରିଥିଲେ। ଜଳପଥରେ ଶତ୍ରୁଙ୍କୁ ଦମନ କରିବା, ଆତଙ୍କବାଦୀ ନିୟନ୍ତ୍ରଣ, ସନ୍ଦିଗ୍ଧ ଜଳଯାନ ଓ ବ୍ୟକ୍ତିଙ୍କ ପ୍ରତି ନଜର ରଖିବା ଆଦି ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ସମୁଦ୍ର ଭିତରେ ଶତ୍ରୁଙ୍କୁ ମୁକାବିଲା କରିବାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା।

## ଚୋରି ଅଭିଯୋଗରେ ପୂର୍ବତନ ସରପଞ୍ଚ ଗିରଫ

**ଭଦ୍ରକ ଅଫିସ, ୧୫।୪:** ଚୋରି ଅଭିଯୋଗରେ ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ କେଦାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ତ୍ରିପାଠୀଙ୍କୁ ପୋଲିସ ଗିରଫ କରିଛି। ପୂର୍ବତନ ସରପଞ୍ଚ ତ୍ରିପାଠୀ ଗତ ଫେବୃୟାରୀରେ ଉକ୍ତ ପଞ୍ଚାୟତର ବାରଭାଗ ଶାସନ ଗ୍ରାମରେ ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପୋଖରୀ ପାର୍ଶ୍ୱ ରାସ୍ତାରୁ ଟ୍ରାକ୍ଟର ଲଗେଇ ପେଭର ବ୍ଲକ ଟାଇଲ ଖୋଲି ନେଇଯାଇଥିଲେ ବୋଲି ସରପଞ୍ଚ ନମିତା ନାୟକ ମାର୍ଚ୍ଚ ୨୬ରେ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ସ୍ତ୍ରୀ ବହୁ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ପରାଜୟ ପରେ ପଞ୍ଚାୟତର ଉନ୍ନତୀମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ସହ ଭରତ ଆକ୍ରୋଶମୂଳକ ଭାବେ ଏପରି କରିଥିବା ଏତଲାରେ ଦର୍ଶାଯାଇଛି। ଏନେଇ ଥାନାରେ ମାମଲା (୫୭/୨୩) ରୁଜୁ ହୋଇଥିଲା। ଅଭିଯୋଗ ପରେ ସେ ଫେରାର ହୋଇଯାଇଥିବା ବେଳେ ସାବରଙ୍ଗ ପୋଲିସ ଶୁକ୍ରବାର କେନ୍ଦୁଝର ବଣାଇରୁ ତାଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ବଳଙ୍ଗ ବାଲିରେ ବଳାଙ୍ଗୀ ମହୋତ୍ସବ

ବାରିପଦା ଅଫିସ,୧୫।୪





ଛଉନୃତ୍ୟ ପରିବେଷଣ କରୁଥିବା ଦୁଇ କଳାକାର।

ମୟୂରଭଞ୍ଜ ଜିଲା ବାରିପଦା ଅମ୍ବିକା ମନ୍ଦିର ନିକଟସ୍ଥ ବୁଢ଼ାବଳଙ୍ଗ,ଚପିଟ ଓ ଇଟାଯୋଡ଼ି ନଦୀର ସଙ୍ଗମସ୍ଥଳରେ ୨୧ତମ ବଳାଙ୍ଗୀ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି। ଜିଲାର ଅବଲୁପ୍ତ ପ୍ରାୟ ଭାଷା, ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ନିମନ୍ତେ ୨୦୦୩ରୁ ମହୋତ୍ସବ ଜରିଆରେ ପ୍ରୟାସ ଜାରି ରହିଛି। ଉଦ୍ଘାଟନୀ ଉତ୍ସବରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ବାରିପଦା ପୌରପରିଷଦର ଉପାଧ୍ୟକ୍ଷା ସୀମା ଦାସ, ୱାର୍ଡ କାଉନସିଲର ସୁକେଶିନୀ ସେଠୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ମେଳା କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଓ ଶିକ୍ଷକ ଶଶୀଧର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ଛଉ, ଆଦିବାସୀ ନୃତ୍ୟ ଓ ମୋଗଲ ତାମସା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ମହୋତ୍ସବ ସ୍ଥଳରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କର ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ଏହା ୧୮ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମିଟି ସୂଚନା ଦେଇଛି। ପ୍ରତିଦିନ ସନ୍ଧ୍ୟାରେ ଜିଲା ତଥା ଜିଲା ବାହାରୁ ବହୁ ପ୍ରତିଷ୍ଠିତ ସାଂସ୍କୃତିକ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା
## ଅଭିଯୁକ୍ତ ଜେଲ ଗଲେ

ରୂପସା, ୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଜାମୁନିଆ ଗ୍ରାମର ନରହରି ଲେଙ୍କାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ବୈଶିଙ୍ଗା ଥାନା ବାମଡ଼ା ଗ୍ରାମର ସର୍ବେଶ୍ୱର ସ୍ୱାଇଁଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।ଗତ ମାର୍ଚ୍ଚ ୨୩ତାରିଖରେ ଅଭିଯୋଗକାରୀ ନରହରି ଲେଙ୍କା ତାଙ୍କ ମାମୁଙ୍କ ସହ ରୂପସା-ବୈଶିଙ୍ଗା ରାସ୍ତାର ସରକାରୀ ବିଦେଶୀ ମଦ ଦୋକାନ ନିକଟରେ ଯାଉଥିବା ବେଳେ ସର୍ବେଶ୍ୱର ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ପଥର ଛେଚି ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏନେଇ ମାମଲା (ନଂ. ୩୦/୨୩) ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ଆଇଆଇସି ପ୍ରଫୁଲ୍ଲ ମଲ୍ଲିକ ସଦଳବଳେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲେ।

# ସୁବର୍ଣ୍ଣରେଖାରେ ଦୁଇଟି ହାଇଲେଭଲ୍ ପୋଲ ଭିତ୍ତିପ୍ରସ୍ତର ସ୍ଥାପନ





ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଅନ୍ୟମାନେ।

ଜଳେଶ୍ୱର, ୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନ ମଣ୍ଡଳବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇଛି। ରାଇବଣିଆ ଜଳେଶ୍ୱର ଓ ବସ୍ତା ଯିବା ଆସିବା କରିବା ପାଇଁ ଲୋକମାନେ ନଦୀ ପାର ହେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଜଳେଶ୍ୱର ବିଧାୟକ ତଥା ଭାଷା, ସାହିତ୍ୟ ଓ ପର୍ଯ୍ୟଟନ ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟା ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉପସ୍ଥିତ ହୋଇ ଦୁଇ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତଠାରୁ ଗୋବରଘାଟା ପଞ୍ଚାୟତ ଯିବା ସେତୁ ପାଇଁ ୧ଶହ ୫୦କୋଟି ବ୍ୟୟବରାଦ ଓ ଚୋରମରା ପଞ୍ଚାୟତଠାରୁ ଚୌଘରୀ ଯିବା ପାଇଁ ସେତୁ ୧୨୩ କୋଟି ୫ଲକ୍ଷ ଟଙ୍କାର ୨ଟି ସେତୁର ବ୍ୟୟ ମଞ୍ଜୁର ହୋଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ମାନସ ଜେନା, ସନତିତା ସେନାପତି, ଆଲୋକ ଗିରି, ଅନୀଲ କୁମାର ମହାନ୍ତି, ଦିଲୀପ ଦାସ ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଏହି ସେତୁ ହେବା ଦ୍ୱାରା ବସ୍ତା, ବାଲିଆପାଳ ଓ ଜଳେଶର ବ୍ଲକର ଜନ ସାଧାରଣ ଉପକୃତ ହୋଇପାରିବେ ବୋଲି ବକ୍ତବ୍ୟରେ କହିଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଦୁର୍ବ୍ୟବହାର

**ନୀଳଗିର, ୧୫।୪(ସ୍ୱ.ପ୍ର):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବଣିଆଗାଁରେ ଗୁଣିଗାରେଡି ସନ୍ଦେହରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯିବା ସହ ଘର ଉପରୁ ଟେକା ପଥର ମାଡ଼ ମରାଯାଇଥିବା ଦେଖିବାକୁ ମିଳିଛି। ପଣା ସଂକ୍ରାନ୍ତି ଦିନ ଉକ୍ତ ମହିଳା ନିଜର ପୂଜା ଡାଲା ଧରି ମା'ଙ୍କ ପାଖକୁ ଯାଉଥିବା ବେଳେ ଦୁଇଜଣ ବ୍ୟକ୍ତି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ସମ୍ପୃକ୍ତ ମହିଳା କୌଣସି ପ୍ରତିବାଦ କରି ନ ଥିଲେ। ପରେ ତାଙ୍କ ଘର ଉପରକୁ ଟେକା ପଥର ଫିଙ୍ଗିବା ସହ ଘର ଆସବାବପତ୍ର ମଧ ଭାଙ୍ଗି ଦେଇଥିଲେ। ଏପରିକି ତାକୁ ଘରୁ ବାହାରକୁ ବାହାରିବାକୁ ଦେଇ ନ ଥିଲେ। ପରେ ପଡ଼ୋଶୀ ଲୋକେ ରୁଣ୍ଡ ହୋଇଯିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ନୀଳଗିରି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ବେଳକୁ ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ କୌଣସି ମାମଲା ରୁଜୁ ହୋଇନାହିଁ।

# ଦର୍ଶକଙ୍କ ମନ ମୋହିଲା ସମ୍ବଲପୁରର 'ରଙ୍ଗଫରୁଆ'

## ମା' ତାରିଣୀଙ୍କ ଚଇତିପର୍ବ ଉଦ୍ଯାପିତ

ଘଟଗାଁ,୧୫।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ୮୭ତମ ଚଇତି ପର୍ବ ଶନିବାର ଉଦ୍ଯାପିତ ହୋଇଯାଇଛି। ଅନ୍ତିମ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ମା'ଙ୍କ ଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକମ୍ରରେ ସମ୍ବଲପୁରର ରଙ୍ଗଫରୁଆ ଗ୍ରୁପ୍ ନାଚ ପରିବେଷଣକରି ଦର୍ଶକଙ୍କ ମନ ମୋହିଥିଲା। ଝାରସୁଗୁଡ଼ାର ସରୋଜ ସାହୁଙ୍କ ତରଫରୁ ଭକ୍ତମାନଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା।

ମା' ତାରିଣୀଙ୍କ ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ରାଜକିଶୋର ଦେହୁରୀ, ଯଯାତି ଦେହୁରୀ, ନଟବର ଦେହୁରୀ, ପ୍ରଦୀପ ଦେହୁରୀଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ପୂଜକ ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ବଡ଼ସିଂହାର ପୂଜା ସହ ମଙ୍ଗଳ ଆଳତି ପରେ ପହଡ଼ ଖୋଲିଥିଲା। ଲମ୍ୱାଧାଡ଼ିରେ ଭକ୍ତ ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ କେନ୍ଦୁଝରର କଳାକାରମାନେ ମା' ତାରିଣୀଙ୍କ ଉପରେ ଆଧାରିତ ନାଚଗୀତ ପରିବେଷଣ କରିଥିଲେ। ପରେ ପୁରୀର ଶିଳ୍ପୀ ଅନୁଷ୍ଠାନ, ସମ୍ବଲପୁରସ୍ଥିତ ସୁନାମଧନ୍ୟ ଅର୍କେଷ୍ଟ୍ରା ପାର୍ଟି ରଙ୍ଗଫରୁଆ ତରଫରୁ ୩୦ରୁ ଊର୍ଦ୍ଧ୍ୱ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ବିଜେତାଙ୍କୁ ସୁନାବ୍ୟବସାୟୀ ସୁରେକ୍ଷା ଜୁଏଲେରି ପକ୍ଷରୁ ସୁନାପଦକ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ମଞ୍ଚାସୀନ ହୋଇଥିଲା। ଅକ୍ଷୟ ବେହେରା, ହରେକୃଷ୍ଣ ପଲେଇ ଓ ହରିହର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।



ଓଡ଼ିଆ କେନ୍ଦୁଝରର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ପୌରପାଳିକାରେ ନିୟମିତ ହେଉନି ବୈଠକ

## ଜିଲାପାଳଙ୍କୁ ଭେଟିଲେ ବିଜେଡି ପାରିଷଦ

ଭଦ୍ରକ ଅଫିସ, ୧୫।୪

ଭଦ୍ରକ ପୌରପାଳିକାରେ ନିୟମିତ ବୈଠକ ହେଉ ନ ଥିବା ନେଇ ବିଜେଡି ପାରିଷଦମାନେ ଶନିବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କରିଛନ୍ତି ଯେ, ପାରିଷଦମାନେ ବର୍ଷେ ହେଲା ନିର୍ବାଚିତ ହୋଇଥିଲେ ମଧ୍ୟ ନିଜ ୱାର୍ଡରେ ଉନ୍ନତୀମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ପୌରପାଳିକାରେ ପ୍ରତି ମାସରେ ବୈଠକ କରାଯାଉ ନ ଥିବାରୁ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇପାରୁନି। ପୌର ଅଧିବେଶନରେ ନିଆଯାଉଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ନାହିଁ। ଗତ ଅଧିବେଶନରେ ୨୨ କୋଟି ଟଙ୍କାର ପ୍ରକଳ୍ପ ପାରିତ ହୋଇଥିଲେ ମଧ ପୌରାଧ୍ୟକ୍ଷା ମନଇଚ୍ଛା କାଣ୍ଟଛାଣ୍ଟ କରି ଟେଣ୍ଡର କରାଇବା ଆଦି ବିଭିନ୍ନ ଅଭିଯୋଗ ସେମାନେ ଦର୍ଶାଇଛନ୍ତି। ଶେଖ ଜାହିରୁଦ୍ଦିନ, ଆଶିଷ ଅମିତାଭ ମହାପାତ୍ର, ସନୱାର ବିବି, ଉର୍ମିଳା ମାଝି, ସୌଭାଗ୍ୟଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ୨୦ଜଣ ପାରିଷଦ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



ପାରିଷଦବର୍ଗ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

**ଚାଷୀଙ୍କ ମୃତଦେହ ଜବତ**

ମୋରଡ଼ା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଗାଁଅମର୍ଦା ପଞ୍ଚାୟତର ବଧିମୁହଁ ଗାଁର ଚାଷୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ରାମକୃଷ୍ଣ ପାତ୍ର(୬୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।



## ସଂକ୍ଷେପରେ

### ଶାଳ ଗଛ ପଡ଼ି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

ମୋରଡ଼ା,୧୫।୪(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଶନିବାର ସକାଳଠାରୁ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ଏହି ବ୍ଲକର ଦାନ୍ତିଆମୁଁହା ଜଙ୍ଗଲରେ କାଠଚୋରମାନେ ଏକ ଶାଳ ଗଛ କାଟି ଦେବାରୁ ଗଛଟି ୩୩ କେଭି ବିଦ୍ୟୁତ୍ ତାର ଉପରେ ପଡ଼ିଥିଲା। ଫଳରେ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଲୋକେ ପିଇବା ପାଣିରୁ ବଞ୍ଚିତ ହେବା ସହିତ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି।

### ବିଶିଷ୍ଟ ପାଲା ଗାୟକଙ୍କ ପରଲୋକ

ରୂପସା,୧୫।୪(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ବିଶିଷ୍ଟ ପାଲା ଗାୟକ ଶ୍ରୀବତ୍ସ ପାଣିଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ଗତ ବୁଧବାର ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ପଠାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ସୁନାମଧନ୍ୟ ପାଲା ଗାୟକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି।

### ଭାଜପା ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ

ବାଲେଶ୍ୱର ଅଫିସ,୧୫।୪-ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ମୃତ୍ୟୁଞ୍ଜୟ ଜେନା, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ରେମୁଣା ଗୋଲେଇସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲା କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଉପସଭାପତି କମଳଲୋଚନ, ଉପସଭାନେତ୍ରୀ କମଳା ବିନ୍ଧାଣୀ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ସମ୍ପାଦକ ବିଭୂପଦ ଦାସ, ବିଜୟ ସାହୁ, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ ପୃଷ୍ଟି, ଅରୂପ ଜେନା ଓ ଅନୀଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍‌ଷ୍ଟାଣ୍ଡରେ ଜଳ ସେବାକେନ୍ଦ୍ର ଉଦଘାଟିତ

ସୋର, ୧୫।୪ (ଡି.ଏନ.ଏ.)-ସୋର ପୌରପାଳିକା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ବସଷ୍ଟାଣ୍ଡରେ ପୌରପାଳିକା ତରଫରୁ ଏକ ଜଳସେବା କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ଏହି ଜଳସେବା ଶିବିର ଅନୁଷ୍ଠିତ ହେଉଛି। ଏହାକୁ ସୋର ପୌରାଧକ୍ଷ ମାଧବ ଧଡ଼ା ଉଦ୍‌ଘାଟନ କରିଥିଲେ। ଉପାଧକ୍ଷା ସସ୍ମିତା ଦାସ, ପାରିଷଦ ରଞ୍ଜନ ଦାସ, ପବିତ୍ର ସେଠୀ, ମିହିର ପାଣି, ହେମନ୍ତ ସେଠୀ, ଭଜହରି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟାରେ ବସିଲେ, ଝୁଲିଲେ ମାନସିକଧାରୀ

**ଯୋଡ଼ା,୧୫।୪(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଚମକପୁର ଗ୍ରାମରେ ମା' ବାସୁଳୀ ମେଳା କମିଟି ପକ୍ଷରୁ ମା' ବାସୁଳୀଙ୍କ ପୀଠରେ ଚଇତି ପର୍ବ ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀମାନେ ପ୍ରଥମ ଦିବସରେ କଣ୍ଟା ଉପରେ ବସିଥିବା ବେଳେ ଦ୍ୱିତୀୟ ଦିବସରେ ପଣା ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ ସହିତ ଜଣେ ମାନସିକଧାରୀ ଉଡୁଥିବାର ଦେଖିବାକୁ ମିଳିଥିଲା। କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ଗ୍ରାମ ଉଚ୍ଛେଦ ପରେ ମଧ୍ୟ ସ୍ଥାନୀୟ ଅଞ୍ଚଳ ତଥା ଦୂରଦୂରାନ୍ତରୁ ଛୁଟି ଆସିଥିବା ଅନେକ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଚଇତି ପର୍ବକୁ ସମ୍ପୂର୍ଣ୍ଣ ନିଆରା କରିଥିଲା।

ସୂଚନା ଥାଉକି, ପୂର୍ବରୁ ଚଇତି ପର୍ବ ଅବସରରେ ଗ୍ରାମରେ ବାଦୀପାଲାଠାରୁ ଆରମ୍ଭ କରି ଅପେରା, ମେଲୋଡି ତଥା


ଜଣେ ମାନସିକଧାରୀ ରଶି ସାହାଯ୍ୟରେ ଝୁଲୁଛନ୍ତି।

ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। କିନ୍ତୁ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ଗ୍ରାମ ଉଚ୍ଛେଦ ପରେ ଗ୍ରାମବାସୀ ଏଣେତେଣେ ଘର କରି ରହିବାକୁ ଲାଗିଲେ। ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ ଉଚ୍ଛେଦକୁ ୨ ବର୍ଷ ହେବାକୁ ବସିଥିଲେ ସୁଦ୍ଧା ପୁରୁଣା ଗ୍ରାମରେ ରହିଥିବା ସମସ୍ତ ଦେବଦେବୀ ପୀଠ ତଥା ମନ୍ଦିର ସବୁକୁ ଆଙ୍ଗୁଳିଆସ୍ଥିତ ବିସ୍ଥାପିତ କଲୋନିରେ ସ୍ଥାପନା କରାଯାଇ ପାରିନାହିଁ। ଏହି ବାବଦରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭକରି ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କଲାପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ମେଳା କମିଟି ସଭାପତି କାର୍ତ୍ତିକେଶ୍ୱର ନାଏକ,

### ବିସ୍ଥାପିତ ଚମକପୁରରେ ଚଇତି ପର୍ବ

ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ଲିଙ୍ଗରାଜ ନାଏକଙ୍କ ସହିତ ପ୍ରୀତମ ମହାରଣା, ଭାଗବତ ନାଏକ, ଚିନ୍ମୟ ଦାସ, ବିକି ନାଏକ, ଚନ୍ଦନ ନାଏକ, ଅମର ନାଏକ, ପିନୁ ଦାସ, ଅର୍ଜୁନ ବେହେରା, ଦୁଷ୍ମନ୍ତ ବେହେରା, ଶିବ କାଣ୍ଡି, ଅଙ୍କିତ ନାଏକ, ଈଶ୍ୱର ନାଏକ, ସାନ ନାଏକ, ଦିବ୍ୟରଞ୍ଜନ ଦାସ ପ୍ରମୁଖଙ୍କ ଅବଦାନରେ ଚଇତି ପର୍ବ ହେଉଛି। ପୁରୁଣା ଗ୍ରାମରେ ରହିଥିବା ମା' ବାସୁଳୀ, ଶୀଖ୍ରେଶ୍ୱର ମହାଦେବଙ୍କ ମନ୍ଦିର ତଥା ଅନ୍ୟାନ୍ୟ ଦେବଦେବୀଙ୍କ ପୀଠକୁ ରୀତିନୀତି ଅନୁଯାୟୀ ଆଙ୍ଗୁଳିଆସ୍ଥିତ ବିସ୍ଥାପିତ କଲୋନିରେ ସ୍ଥାପନା କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସରିଲା ବୈଶାଖୀ ମହୋତ୍ସବ

**ବାଲେଶ୍ୱର ଅଫିସ, ୧୫।୪**

ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମ୍‌ରେ ବୈଶାଖୀ ମହୋତ୍ସବର ଅଷ୍ଟମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଉଡ଼ା ଉତ୍ସବର ଉଦ୍‌ଘାଟକ ପ୍ରାକ୍ତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ରହି ମେଳାରେ ସମବେତ ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ସତ୍ୟନାଥ ମାଝିଙ୍କୁ ତାଙ୍କ ଅବର୍ତ୍ତମାନରେ ମରଣୋତ୍ତର ସମ୍ମାନ ଓ ଈଶାଣୀ ପଡ଼ିଆର ପ୍ରାରମ୍ଭିକ ଉଦ୍ଧାର ସହାୟତାକାରୀ ସେଖ୍ ସାହାଜାହାନ୍ ହୋସେନ୍‌ଙ୍କୁ ଉଦ୍‌ଘାଟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଆଇନଜୀବୀ ରବୀନ୍ଦ୍ର କୁମାର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରିଗ୍ର ପ୍ରାକ୍ତନ ଅଧକ୍ଷ ଗୌରୀ କୁମାର ରାଉତ ନିଜ ଅଞ୍ଚଳର ବିକାଶର ଧାରା ନିରବଚ୍ଛିନ୍ନ ରହିଆସିବାର ବିଶ୍ୱାସ ପ୍ରକଟ କରିଥିଲେ। ସମ୍ମାନିତ ଅତିଥି ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ ସଭାପତି ସୂର୍ଯ୍ୟକୁମାର କର, ବିଜେଡି ଜିଲା ଛାତ୍ର ସଭାପତି ସିମନ କୁମାର ମହାପାତ୍ର, ବିଶିଷ୍ଟ ଉଦ୍ୟୋଗପତି ମୌସୁମ କୁମାର ସିଂହ, ବୈଶାଖୀ ମହୋତ୍ସବର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି ଏବଂ ସାଧାରଣ ସମ୍ପାଦକ ଭାଗବତ ସାହୁ ବୈଶାଖୀ ମହୋତ୍ସବ ସଂକ୍ରାନ୍ତରେ ଅଭିବ୍ୟକ୍ତି ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ କବି ଶ୍ରୀଦେବ ସ୍ୱାଗତ ସଂଭାଷଣ ରଖିଥିଲାବେଳେ ସଦସ୍ୟ ବାସ୍ତବ ସାହୁ ଏହି କାର୍ଯ୍ୟକ୍ରମକୁ ଅଧିକରୁଅଧିକ ଲୋକାଭିମୁଖୀ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ଚିତ୍ତଲ ସେବା ସମବାୟ ସମିତିର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ସମିତି କର୍ମକର୍ତ୍ତା।

**ବାହାନଗା, ୧୫।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଲ ସେବା ସମବାୟ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଏକ ସାଧାରଣ ସଭା ସମିତି ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଉପଲକ୍ଷେ ସମିତିରେ ବ୍ୟାଙ୍କ ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବାହାନଗା ଶାଖା ପରିଚାଳକ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଗୋପବନ୍ଧୁ ନାୟକ, ସମିତି ଉପସଭାପତି ଜୟନ୍ତୀ ଦାଶ ଯୋଗଦେଇ ନିଜର ଅଭିଭାଷଣ ଦେଇଥିଲେ। ସଭାପତି ତାଙ୍କ ଭାଷଣରେ ଚାଷୀମାନଙ୍କର ଆର୍ଥିକ ଉନ୍ନତିରେ ସମବାୟ ସମିତି ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି । ଗ୍ରାମର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସମିତି ଏସଏଚ୍‌ଜି ମାଧ୍ୟମରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦେଉଛି ବୋଲି ପ୍ରକାଶ କରିଥିଲେ। ଏହାସହିତ କୋଚିଆକୋଇଲି ଗ୍ରାମର ଗୋବର୍ଦ୍ଧନ ମଲିକ ୨୦୨୨ ନଭେମ୍ବରରେ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିବା ବେଳେ ସେ ନେଇଥିବା ଋଣ ବାବଦକୁ ତାଙ୍କ ସ୍ତ୍ରୀ ଆରତୀ ମଲ୍ଲିକଙ୍କୁ ୫ଲକ୍ଷ ଟଙ୍କା ବୀମାରାଶି ପ୍ରଦାନ କରାଯାଇଥିଲା। ସଭାକୁ ସମିତି ସମ୍ପାଦକ ଚନ୍ଦ୍ରଶେଖର ନାୟକ ପରିଚାଳନା କରିଥିଲେ । ପରିଚାଳନା ପରିଷଦ ନିର୍ଦ୍ଦେଶକ ଅନନ୍ତ କୁମାର ବିଶ୍ୱାଳ, ବିଶ୍ୱରଞ୍ଜନ ବେହେରା, ବନମାଳୀ ବେହେରା, ଅବନତି ପୁଥାଳ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଶ୍ରମ ପ୍ରତିଷ୍ଠା ଲାଗି ଭୂମିପୂଜା

**ପଦ୍ମପୁର, ୧୫।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତରେ ଚୈତନ୍ୟ ମହାପ୍ରଭୁଙ୍କ ଭାଗବତ ଆଶ୍ରମ ପ୍ରତିଷ୍ଠା ପାଇଁ ଭୂମି ପୂଜନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୂମିଦାତା ଯୋଗେନ୍ଦ୍ର ପ୍ରସାଦ ଦାସ, ଚୈତନ୍ୟଧର୍ମୀ ଶିବନାରାୟଣ ଦାସ, ମୃତ୍ୟୁଞ୍ଜୟ ମଣ୍ଡଳ, ଜଳଧର ମଣ୍ଡଳ, ବସନ୍ତ ସାହୁ, ଚନ୍ଦ୍ରଶେଖର ନାୟକ, ଅଜୟ କୁମାର ମଣ୍ଡଳ, ସରପଞ୍ଚ ଚିନ୍ତାମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପିଢ଼ିକୁ ସଂସ୍କାରୀ କରିବା ଓ ଭାଗବତ ଚେତନାରେ ସାମିଲ ହୋଇ ମାନବୀୟ ମୂଲ୍ୟବୋଧର ଉପଯୋଗ କରିବା ଏହି ଆଶ୍ରମ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବୋଲି ସରପଞ୍ଚ କହିଥିଲେ। ସ୍ଥାନୀୟ କାଞ୍ଜିଖିଆ, କଲ୍ୟାଣପୁର, ସୁଗୋ, ପଦ୍ମପୁର, କୁମୁନବିନ୍ଧା, କପାଗଡ଼ିଆ, ସୁଗୋ ପାଟଣାର ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ।

# ଥଣ୍ଡା ଦହି ସର୍ବତ କ୍ୟାମ୍ପ



କ୍ୟାମ୍ପ ଉଦ୍‌ଘାଟନ ଅବସରରେ ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଅନ୍ୟମାନେ।

**ଭଦ୍ରକ ଅଫିସ,୧୫।୪ (ସ୍ୱ.ପ୍ର.)**

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭଦ୍ରକ ପୌରାଞ୍ଚଳ ଟାଉନ ଥାନା ଛକଠାରେ ଲାୟନ୍ସ କ୍ଲବ ପକ୍ଷରୁ ଥଣ୍ଡା ଦହି ସର୍ବତ କ୍ୟାମ୍ପ ଶନିବାର ଉଦ୍‌ଘାଟିତ ହୋଇଛି। ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ସାମାଜିକ କର୍ମୀ ଅଶୋକ ମହାନ୍ତି, ବୁନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଲାୟନ୍ସ କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

**ଧାମନଗର, ୧୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ୩ୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ରାଜନୀତି ବିଭାଗ ମୁଖ୍ୟ ପ୍ରାଧାପକ ଅଜୟ କୁମାର ବେଜ ଓ ଅତିଥି ଅଧାପିକା ସ୍ୱର୍ଣ୍ଣପ୍ରଭା ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଅଧାପକ ଦିଲୀପ କୁମାର ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସୁନାଲି ପରିଡ଼ା, ଶୁଭ୍ରା ଦାସ, ସସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଜେନା, ପ୍ରଶାନ୍ତ ସାମଲ, ଅନୁଜା ରାଉତ, ମାନସୀ ସ୍ୱାଇଁ ପ୍ରମୁଖ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। ସୁପ୍ରିୟା ନାୟକ, ଶୁଭଶ୍ରୀ ସାହୁ, ଅଙ୍କିତା ଦାସ ଓ ଶୁଭଦୀପ ସାହୁ ବିଦାୟ ସଙ୍ଗୀତ ଗାଇଥିଲେ।

# ଆଇନଜୀବୀ ପରିଷଦ ନିର୍ବାଚନ ପାଇଁ ମତଦାନ

**ଭଦ୍ରକ ଅଫିସ, ୧୫।୪**

ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ ଶନିବାର ଭଦ୍ରକ ନଳାଙ୍ଗସ୍ଥିତ ଜିଲା କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ୩ଟି ବୁଥରେ ମତଦାନ ହୋଇଥିଲା। ଭଦ୍ରକ କନିଷ୍ଠ ଦେୱାନୀ ଜଜ୍ ଅବିନାଶ ଚିନ୍ନାରା, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ଚିନ୍ମୟ ପାଢ଼ୀ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଗୌରୀଶଙ୍କର ବାଗ ପୋଲିଂ ଅଧିକାରୀ ଭାବେ ନିଯୁକ୍ତ ଥିଲେ। ଆଇନଜୀବୀ ପରିଷଦକୁ ମୋଟ ୨୫ଜଣ ସଦସ୍ୟ ନିର୍ବାଚିତ ହେବେ। ଭଦ୍ରକ ଜିଲାରୁ ୨ ପ୍ରାର୍ଥୀ ପବନ ଶର୍ମା ଓ ବିଷ୍ଣୁମୋହନ ମହାପାତ୍ର ସଦସ୍ୟତା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ପବନ ଏହି ପଦ ପାଇଁ ଦ୍ୱିତୀୟ ଥର ପ୍ରାର୍ଥୀ ହୋଇଥିବା ବେଳେ ବିଷ୍ଣୁମୋହନ ପ୍ରଥମଥର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭଦ୍ରକ ଓକିଲ ସଂଘରେ ମୋଟ ୯୪୫ଜଣ ମତଦାତା, ବାସୁଦେବପୁର ଓକିଲ ସଂଘର ୮୧ ଓ ଚାନ୍ଦବାଲି ଓକିଲ ସଂଘର ୫୦ଜଣ ମତଦାନ କରିଛନ୍ତି।

# ଆନନ୍ଦପୁର ଜିଲା ଦାବି: ଧାରଣାରେ ମୋହରିର ସଂଘ



ଧାରଣାରେ ବସିଛନ୍ତି ମୋହରିର ସଂଘ ସଦସ୍ୟ।

**ଆନନ୍ଦପୁର/କୋଡ଼ପଡ଼ା,୧୫।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ୨୦ ଦିନରେ ପହଞ୍ଚିଛି। ଆନନ୍ଦପୁର ବିକାଶ ପରିଷଦର ଆହ୍ୱାନରେ ମାର୍ଚ୍ଚ ୨୭ରୁ ଜିଲା ଦାବି ପ୍ରସଙ୍ଗକୁ ନେଇ ଧାରଣା ଆରମ୍ଭ ହୋଇଥିଲା। ଶନିବାର ଧାରଣାର ୨୦ ଦିବସରେ ଆନନ୍ଦପୁର ମୋହରୀର ସଂଘ ସାମିଲ ହୋଇ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ରାହାସ ବିହାରୀ ସାହୁ, ମଦନ ମୋହନ ମିଶ୍ର, ଶାନ୍ତନୁ ଜେନା, ଲକ୍ଷ୍ମୀଧର ଜେନା, ଶଙ୍କର୍ଷଣ ପତି, ଶେଷଦେବ ନାଥ, ସୁଦର୍ଶନ ସାହୁ, ଅକ୍ଷୟ ମିଶ୍ର, ପିତାମ୍ବର ନାୟକ, ଭୀମସେନ ନାଥ, ଶୁରେନ୍ଦ୍ର ଘଡ଼େଇ, ଅମର ରଣା, ଘନଶ୍ୟାମ ଜେନା, ନାରାୟଣ ନାଥ, ଦେବବ୍ରତ ବାରିକ, ସପନ ଶା, ବଳରାମ ବେହେରା, ଅଜୟ ସାହୁ, ଦିଲ୍ଲୀପ ଜେନା, କେଦାରନାଥ ରଥ ପ୍ରମୁଖଙ୍କ ସହିତ ବହୁ ମୋହରୀର ଧାରଣାରେ ବସିଥିଲେ।

# ସ୍ୱାମ ଛକ ହନୁମାନ ମନ୍ଦିରରେ ଜୟନ୍ତୀ ପାଳିତ

**ପାଟଣା,୧୫।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ମହା ବିଷୁବ ସଂକ୍ରାନ୍ତି, ଶ୍ରୀ ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଇଁ ଶୁକ୍ରବାର ଅଞ୍ଚଳର ହନୁମାନ ମନ୍ଦିର ଗୁଡ଼ିକରେ ଭକ୍ତଙ୍କ ସମାଗମ ହୋଇଥିଲା। ପାଟଣା ବ୍ଲକ୍ ସ୍ୱାମ ଛକ ହନୁମାନ ମନ୍ଦିରରେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ ଓ ଜିତେନ୍ଦ୍ର ମିଶ୍ର ହୋମଯଜ୍ଞ ଓ ସ୍ୱତନ୍ତ୍ର ପୂଜା କରିଥିଲେ। କର୍ତ୍ତା ଭାବେ ଗୌରୀ ରଞ୍ଜନ ମିଶ୍ର, ଝୁନାରାଣୀ ଶସ୍ତ୍ରୀକ ଦେବନୀତି ସମ୍ପାଦନ କରିଥିଲେ। ଏହି ଅବସରରେ ଗିରିଜା ଶଙ୍କର ମିଶ୍ର, ଅମିତ ଦାଶ ଓ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ୧୦୮ ହନୁମାନ ଚାଳିଶା ଗାନ କରିଥିଲେ। ମନ୍ଦିର କମିଟିର ବିରମୋହନ ଦ୍ୱିବେଦୀ, ଓମ ପ୍ରକାଶ ପରିଡ଼ା, ଅଜୟ ପରିଡ଼ା ଓ ଅର୍ଜୁନ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଥଚାରିଙ୍କୁ ପଣା ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିଭଳି ସାହାରପଡ଼ା ବ୍ଲକ୍ କପୁଣ୍ଡି ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବୈତରଣୀ ନଦୀର କପୁଣ୍ଡି ଘାଟରୁ ଘଟ ଆଣି ପୂଜା ମଣ୍ଡପରେ ସ୍ଥାପନା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଭାବେ ରାମଚନ୍ଦ୍ର ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ନୃସିଂହ ଚରଣ ପୃଷ୍ଟି ନୀତିକାନ୍ତିରେ ଦେବ ନୀତି ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ ତରେଇ, ଦିଲ୍ଲୀପ ପୃଷ୍ଟି, ଭାବଗ୍ରାହୀ ଖଡ଼ିରତ୍ନ, ଦୋଳ ଗୋବିନ୍ଦ ବେଜ, ବିକାଶ ତରେଇ, ରୁଦ୍ର ନାରାୟଣ ପୃଷ୍ଟି, ଦିଲ୍ଲୀପ ବେଜ, ସିପୁନ ରଣା, ବିପ୍ଳବ ପୃଷ୍ଟି, ବ୍ରହ୍ମାନନ୍ଦ ରଣା, ତନ୍ମୟ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳପୁର ଛକରେ ବଜରଙ୍ଗ ଦଳ ଓ ଆଦିତ୍ୟ ବାହିନୀ ତରଫରୁ ପଣା ସଂକ୍ରାନ୍ତିରେ ପଣା ବଣ୍ଟନ କରାଯାଇଥିଲା। ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ଓ ଶ୍ରୀରାମ ମନ୍ଦିରରେ ଶଶି ଭୂଷଣ ଷ୍ଟିଲ ହାଉସ ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା।

# ସୋମନାଥପୁର ଗ୍ରୀଡ୍‌ରୁ ନୂତନ ନୀଳଗିରି ଫିଡର୍ ଉଦ୍‌ଘାଟିତ

**ନୀଳଗିରି,୧୫।୪(ସ୍ୱ.ପ୍ର.)**

ଦୀର୍ଘଦିନର ପ୍ରତୀକ୍ଷା ପରେ ସୋମନାଥପୁର ଗ୍ରୀଡ୍‌ରୁ ନୂତନ ୩୩ କେଭି ଲାଇନର ନୀଳଗିରି ଏନ୍‌ଏସି ଅଧୀନ ବାଣପୁର ସବ୍‌ଷ୍ଟେସନରେ ଫିଡ଼ର୍ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ସାମାନ୍ୟ ବର୍ଷା, ପବନ ହେଲେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ୍ ପାଇଁ ନୀଳଗିରି ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ଅସନ୍ତୁଷ୍ଟ ରହୁଥିଲେ। ବହୁ ପ୍ରଚେଷ୍ଟା ପରେ ଏବେ ସମାଧାନ ହୋଇଛି।

ବାଲେଶ୍ୱର ଜିଲା ନୀଳଗିରିକୁ ପୂର୍ବରୁ କେବଳ ବାଲେଶ୍ୱର ଗ୍ରୀଡ୍‌ରୁ ଶେରଗଡ଼ ଦେଇ ୩୩ କେଭି ଲାଇନ୍ ଆସୁଥିବା ବେଳେ ଅନୁରୂପ ଭାବେ ଏବେ ସୋମନାଥପୁର ଗ୍ରୀଡ୍‌ରୁ ୩୩ କେଭି ଲାଇନ୍‌ର ନୂତନ ନୀଳଗିରି ଫିଡର୍ ଉଦ୍‌ଘାଟିତ ହୋଇଛି। ଫଳରେ ଶେରଗଡ଼ ଲାଇନ୍‌ରେ ଫଲ୍ଟ ହେଲେ ସୁଦ୍ଧା ସୋମନାଥପୁର ଫିଡ଼ର୍‌ରୁ


ବାଣପୁର ସବ୍‌ଷ୍ଟେସନରେ ନୂତନ ଫିଡ଼ର୍।

ଆଣି ଉପଭୋକ୍ତାଙ୍କୁ ଲାଇନ୍ ଦେଇ ହେବ। ଫଳରେ ଲାଇନ୍ ପାଇଁ ଆଉ ନୀଳଗିରିବାସୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ତତ୍କାଳୀନ ଉପଜିଲାପାଳ ଆବୋଲି ନରୱେଣଙ୍କ ଦ୍ୱାରା ସୋମନାଥପୁରଠାରେ ଏହି ନୂଆ ଫିଡ଼ର୍ ପାଇଁ ଶୁଭ ଦିଆଯାଇଥିଲା। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମଧ୍ୟ ନୂଆ ଫିଡ଼ର୍ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ବାରମ୍ବାର ବିଦ୍ୟୁତ୍ ବିଭାଗର ବିଭିନ୍ନ ଅଧିକାରୀ ଓ ଜିଲାପାଳଙ୍କ ଯୋଗାଯୋଗ ରଖୁଥିଲେ। ଟାଟା ପାୱାର ଏହି ବିଷୟକୁ ମଧ୍ୟ ଗୁରୁତ୍ୱ ସହ ନେଇଥିବା ବେଳେ ନୂଆ ଫିଡର୍ ପ୍ରତିଷ୍ଠା କରିଛନ୍ତି। ଏହାଦ୍ୱାରା ଗୋପୀନାଥପୁରଠାରୁ ହରିପାଳପୁର, ନୀଳଗିରିରୁ ଆମ୍ବଡ଼ିହା, ପୋଡ଼ାଶୁଳ, ପଞ୍ଚଲିଙ୍ଗେଶ୍ୱର ମଧ୍ୟରେ ଥିବା ସମସ୍ତ ଉପଭୋକ୍ତା ଉପକୃତ ହେବେ ବୋଲି କୁହାଯାଇଛି। ଟାଟାପାୱାର ପକ୍ଷରୁ ନୂଆ ଫିଡ଼ର୍ ଉଦ୍‌ଘାଟନ ବେଳେ ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାନ୍ତ ଶଙ୍କର ରାୟ, ନିର୍ବାହୀଯନ୍ତ୍ରୀ ଦେବାଶିଷ ପୁହାଣ, ନୀଳଗିରି ଏସ୍‌ଡିଓ ଦୀପ୍ତିରଞ୍ଜନ ବିଶ୍ୱାଳ, କନିଷ୍ଠଯନ୍ତ୍ରୀ ପାର୍ଥସାରଥୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଦୃଷ୍ଟିବାଧିତ ମହିଳା କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



ମହିଳା କ୍ରିକେଟରଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୧୫।୪**

ଦବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଶନିବାର ଜିଲା କଲେକ୍ଟୋରେଟ କାର୍ଯ୍ୟାଳୟରେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟିମ୍‌ର ସଦସ୍ୟ ଭାବେ ମନୋନୀତ ହୋଇଥିବା ବାଲେଶ୍ୱର ଜିଲାର ଦୁଇ ଜଣ ଦୃଷ୍ଟିବାଧିତ ମହିଳା କ୍ରିକେଟର ଫୁଲ ସୋରେନ ଓ ପଦ୍ମିନୀ ଟୁଡୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ଶିନ୍ଦେ ସେମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହିତ ୩୦ ହଜାର ଲେଖାଏଁ ଚେକ୍ ପ୍ରଦାନ କରିଥିଲେ।

ଭୋଗରାଇ ଅଞ୍ଚଳର ପଦ୍ମିନୀ ଟୁଡୁ ଓ ରେମୁଣା ଗୋଲେଇ ଅଞ୍ଚଳର ଫୁଲ ସୋରେନ ଭାରତୀୟ ଦଳରେ ସାମିଲ ହୋଇ ନେପାଳ ଖେଳିବାକୁ ଯାଉଥିବାରୁ ଜିଲାପାଳ ସେମାନଙ୍କର ସଫଳତା କାମନା କରିବା ସହିତ ଶୁଭ ମନାସି ଥିଲେ। ବାଲେଶ୍ୱର ଜିଲାର ଦୁଇ ଜଣ ଏଭଳି ଜାତୀୟ ଦଳରେ ଚୟନ ହେବା ଜିଲା ପାଇଁ ଗୌରବର ବିଷୟ ଏବଂ ଏଥିପାଇଁ ଜିଲାବାସୀଙ୍କ ମଧ୍ୟରେ ଖୁସି ଖେଳିଯାଇଛି। ପ୍ରକାଶ ଥାଉକି ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଉପସ୍ଥିତ ରହି କ୍ରିକେଟରଙ୍କୁ ଉତ୍ସାହିତ କରିଥିଲେ।

